# Akashvani, Sambalpur

## SAMBALPURI NEWS EVENING BULLETIN

## 11 February 2026 - 7.02 pm- 7.12 pm.

*********************************************

୧- ରାଜ୍ୟ ସର୍‌କାର୍ ଓଡ଼ିଶାକେ ନକ୍ସଲ୍ ମୁକ୍ତ କର୍‌ବାର୍ ଲାଗି ପୁନର୍ବାସ ନୀତିଥି ଫେର୍ କଲେ ସଂଶୋଧନ୍ ।

- ଓଡ଼ିଶା ନ ସକ୍ରିୟ ଥିବା ବାହାର୍ ରାଜ୍ୟର୍ ନକ୍ସଲ୍ ଭିଲ୍ ଯୋଜ୍‌ନାଥି ହେଇପାର୍‌ବେ ସାମିଲ୍ ।

୨- ମୁଖ୍ୟମନ୍ତ୍ରୀ ଆଏବା ଶୁକ୍ରବାର୍ ଦିନ ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନାର୍ କର୍‌ବେ ଶୁଭାରମ୍ଭ ।

୩- ରାଜ୍ୟ ସର୍‌କାର୍ ମହିଳା ନେତୃତ୍ୱାଧୀନ୍ ବିକାଶ୍ ଆଦର୍ଶ ଉପ୍‌ରେ ବିଶ୍ୱାସ୍ କର୍‌ସନ୍ କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଆଉର୍

୪- ଗାଡ଼ି ଚାଲକ୍‌ମାନ୍‌କର୍ ଲାଗି ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ବାଧ୍ୟତାମୂଲକ୍ କଲେ ସର୍‌କାର୍ ।

ମାଓବାଦୀ ମୁକ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାକେ ନକ୍ସଲ୍ ମୁକ୍ତ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ସେମାନ୍‌କର୍ ପୁନର୍ବାସ ନୀତିଥି ଗଲା ୩ ମାସ୍ ଭିତ୍‌ରେ ୨ ନମ୍ବର୍ ଥର୍ ସଂଶୋଧନ୍ କରିଛନ୍ । ଗୃହ ବିଭାଗ୍ ତର୍‌ଫୁ ଜାରି ବିଜ୍ଞପ୍ତି ଅନ୍‌ସାରେ, ଥଇଥାନ୍ ଆଉ ପୁନର୍ବାସ ପେକେଜ୍‌ଥି ସର୍ବଭାରତୀୟସ୍ତରର୍ କେଡ଼ର୍‌ମାନ୍‌କର୍ ଲାଗି ନୂଆଁ ବ୍ୟବସ୍ଥା କରାଯାଇଛେ ।

ନୂଆଁ ନିୟମ୍ ଅନ୍‌ସାରେ, ଯଦି କେନ୍‌ସି ନକ୍ସଲ୍ ଓଡ଼ିଶାର୍ ବାସିନ୍ଦା ନୁହଁନ୍, ହେଲେ ରାଏଜେ ସକ୍ରିୟ ଅଛନ୍, ସେମାନେ ଭିଲ୍ ପୁନର୍ବାସ ଯୋଜ୍‌ନାର୍ ମାନ୍‌କର୍ ସୁବିଧା ପାଇପାର୍‌ବେ । କେନ୍ଦ୍ରୀୟ କମିଟି ଆଉ ପଲିଟିବ୍ୟୁରୋ ସଭ୍ୟମାନ୍‌କର୍ ଲାଗି ସବୁନୁ ଅଏତ୍‌କା ୧ କୋଟି ୧୦ ଲାଖ୍ ଟଙ୍କା, ରାଜ୍ୟ କମିଟି ସଭ୍ୟମାନ୍‌କର୍ ଲାଗି ୫୫ ଲାଖ୍ ଆଉ ଆଂଚଲିକ୍ କମିଟି ସଭ୍ୟମାନ୍‌କର୍ ଲାଗି ୩୩ ଲାଖ୍ ଟଙ୍କାର୍ ପୁରସ୍କାର୍ ରାଶି ଧାରିଜ୍ କରାଯାଇଛେ । ଅସ୍ତ୍ରଶସ୍ତ୍ର ସହେତେ ଆତ୍ମସମର୍ପଣ୍ କରୁଥିବା କେଡ଼ର୍‌ମାନ୍‌କର୍ ଲାଗି ସର୍‌କାର୍ ସ୍ୱତନ୍ତ୍ର ରାଶି ଘୋଷ୍‌ନା କରିଛନ୍ । ଯେନ୍‌ମାନ୍‌କର୍ ନାଁଥି ୫ ଲାଖ୍ ନୁ ଅଏତ୍‌କା ପୁରସ୍କାର୍ ଟଙ୍କା ଘୋଷ୍‌ନା କରାଯାଇଥିବା, ସେ ସକ୍ରିୟ ନକ୍ସଲ୍‌ମାନେ ଆତ୍ମସମର୍ପଣ୍ କଲେ ସେମାନ୍‌କୁ ଅଏତ୍‌କା ୧୦ ଲାଖ୍ ଟଙ୍କା ଏକାସାରି ସାହାଜ୍ ଭାବେ ଦିଆଯିବା । ଅସ୍ତ୍ର ନାଇଁ ଥାଇକରି

ଆତ୍ମସମର୍ପଣ୍ କରିଥିଲେ ଭିଲ୍ ଫି ନକ୍ସଲ୍‌ଙ୍କୁ ୨୫ ହଜାର୍ ଟଙ୍କାର୍ ପ୍ରୋତ୍ସାହନ୍ ରାଶି ଦିଆଯିବା ।

ଇନ ଜନେଇ ଦିଆଯାଇପାରେ ଯେ, ୨୦୨୫ ନଭେମ୍ବର ୨୭ ତାରିଖ୍ ଦିନ ଜାରି ହେଇଥିବା ସଂଶୋଧିତ ପୁନର୍ବାସ ନୀତିକେ ୩ ମାସ୍ ଭିତ୍‌ରେ ଫେର୍‌ଘାଏ ବଦ୍‌ଲାଯାଇଛେ । କେନ୍ଦ୍ର ସର୍‌କାର୍ ମାର୍ଚ୍ଚ ଶେଷ୍‌ତକ୍ ଦେଶ୍‌କେ ନକ୍ସଲ୍‌ମୁକ୍ତ କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ ।

ମୁଖ୍ୟମନ୍ତ୍ରୀ - ନବରଙ୍ଗ୍‌ପୁର୍ ପୁରୀ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ଶୁକ୍ରବାର୍ ଦିନ ନବରଙ୍ଗ୍‌ପୁର୍ ଜିଲ୍ଲା ଗସ୍ତଥି ଯିବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ନ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କର୍‌ବାର୍ ସହେତେ ଶ୍ରୀଜଗନ୍ନାଥ୍ ତୀର୍ଥଯାତ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଯୋଜ୍‌ନାଥି ପହେଲା ଖେପେ ୫ ଶହ ଝନ୍ ଶ୍ରଦ୍ଧାଳୁ ସର୍‌କାର୍‌ଙ୍କର୍ ସାହାଜ୍‌ଥି ପୁରୀ ନ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବାର୍ ସୁଯୋଗ୍ ପାଏବେ । ଇ ଖେପ୍‌ଥି ୫ ଟା ଜିଲ୍ଲାର୍ ୬୦ ନୁ ୭୫ ବୟସର୍ ବୟସ୍କ ବ୍ୟକ୍ତି ଆଉ ବିଧବା ମହିଳାମାନେ ପୁରୀ ଦର୍ଶନ୍ କର୍‌ବାର୍ ସୁଯୋଗ୍ ପାଇଛନ୍ । ସର୍‌କାର୍‌ଙ୍କର୍ ତର୍‌ଫୁ ସେମାନ୍‌କର୍ ଯିବାର୍ ଆସ୍‌ବାର୍ ସହେତେ ରହେବାର୍, ଖାଏବାର୍ ବ୍ୟବସ୍ଥା କରାଯାଇଛେ ।

ପ୍ରଯୁକ୍ତିବିଦ୍ୟାମନ୍ତ୍ରୀ-କେନ୍ଦ୍ରମନ୍ତ୍ରୀ ସାକ୍ଷାତ୍   ଆଇ.ଆଣ୍ଡ୍.ପି.ଆର୍

ରାଏଜେ ବୈଜ୍ଞାନିକ୍ ଭିତିଭୂମି ଆଉ ନୂଆଁସୃଜନ୍‌କେ ବର୍‌କସ୍ କର୍‌ବାର୍ ଲାଗି କେନ୍ଦ୍ର ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଡକ୍ଟର୍ ଜୀତେନ୍ଦ୍ର ସିଂଙ୍କୁ ନୂଆଦିଲ୍ଲୀ ଠାନେ ରାଜ୍ୟ ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ ଭେଟିଛନ୍ । ଇ ଅବ୍‌ସରେ ଓଡ଼ିଶା ନ ଆଂଚଲିକ୍ ବୈଜ୍ଞାନିକ ଲକ୍ଷ୍ୟ ହାସଲ୍ ଆଉ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର୍ ବିକାଶ୍ ଲାଗି ଦୁହି ନେତାଙ୍କର୍ ଭିତ୍‌ରେ ଆଲୋଚନା ହେଇଥିଲା । ଭୁବ୍‌ନେଶ୍ୱର୍ ନ ଗୁଟେ ବିଶ୍ୱସ୍ତରୀୟ ସାଇନ୍ସ ସିଟି ଥାପ୍‌ନାର୍ ଲାଗି ସହଯୋଗ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ର ସର୍‌କାର୍‌ଙ୍କର୍ ସାହାଜ୍ ମାଗିଛନ୍ । ଇ ଦିଗେ ସବୁ ପ୍ରକାର୍ ସହଯୋଗ୍ କରାଯିବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂ ପ୍ରତିଶ୍ରୁତି ଦେଇଥିବାର୍ ଜନାପଡ଼ିଛେ ।

ନଗର୍ ଉନ୍ନୟନ୍ ବିଭାଗ୍-ଏମଓୟୁ   ଆଇ.ଆଣ୍ଡ୍.ପି.ଆର୍

ରାଏଜେ ସ୍ଥାୟୀ, ଭବିଷ୍ୟତ୍ ଉପଯୋଗୀ ଆଉ ନାଗରିକ୍ କୈନ୍ଦ୍ରିକ ସହର୍ ଗଠନ୍ ଲାଗି ଓଡ଼ିଶା ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ଆଉ ଆଇଆଇଟି କାନ୍‌ପୁର୍‌ର ଐରାବତ ଗବେଷଣା ସଂସ୍ଥାନ୍ ଭିତ୍‌ରେ ଗୁଟେ ବୁଝାମଣା ପତ୍ର

ସ୍ୱାକ୍ଷରିତ୍ ହେଇଯାଇଛେ । ଇ ସହଭାଗିତା ଜରିଏ ରାଏଜେ ସହରାଂଚଲ୍ ପ୍ରଶାସନ୍‌ଥି କୃତିମ ବୁଦ୍ଧିମତାର୍ ପ୍ରୟୋଗ୍‌କେ ଆହୁରି ବ୍ୟାପକ୍ କରାଯିବା । ବୁଝାମଣା ପତ୍ର ସ୍ୱାକ୍ଷର୍ କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ଯୋଗ୍ ଦେଇକରି କହିଛନ୍, ଓଡ଼ିଶା ନିଜର୍ ସହର୍‌ମାନ୍‌କୁ ଖାଲି ସ୍ମାର୍ଟ ନାଇଁ କରେ, ଅଏତ୍‌କା ସମ୍ବେଦନ୍‌ଶୀଲ୍ ଆଉ ସମାବେଶୀ କର୍‌ବାର୍‌କେ ପ୍ରତିଶ୍ରୁତିବଦ୍ଧ ଆଏ । ଇ ସହଭାଗିତା ଏଆଇ ସାହାଜ୍‌ଥି ସହରୀ ଇଲାକା ନ ସେବା ଯୁଗାବାର୍‌କେ ଆହୁରି ଉନ୍ନତ୍ କର୍‌ବାର୍ ସହେତେ ତଥ୍ୟଭିତିକ୍ ନିଷ୍ପତି ନେବାର୍ ପ୍ରକ୍ରିୟାକେ ଆହୁରି ଫଟିକ୍ ଆଉ ପ୍ରଭାବ୍‌ଶାଲୀ କର୍‌ବା ।

ଜାଇକା କର୍ମଶାଳା        ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ନ ଆଏଜ୍‌ଠାନୁ ଜାପାନ୍ ଅନ୍ତର୍ଜାତୀୟ ସହଯୋଗ୍ ସଂସ୍ଥା- ଜାଇକା ସାହାଜ୍ ପାଇଥିବା ବନୀକରଣ୍ ପ୍ରକଳ୍ପର୍ ୧୪ ନମ୍ବର୍ ଜାତୀୟ କର୍ମଶାଳା ଉଦ୍‌ଘାଟିତ୍ ହେଇଯାଇଛେ । ୩ ଦିନିଆ କର୍ମଶାଳାକେ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଉଦ୍‌ଘାଟନ୍ କରିଛନ୍ । ବିଶ୍ୱ ଜଲ୍‌ବାୟୁ ସଙ୍କଟ୍‌ର ମୁକାବିଲା, ପରିବେଶ୍ ସୁରକ୍ଷା ଆଉ ଲାଖ୍ ଲାଖ୍ ଲୁକ୍‌କର୍ ଜୀବିକା କ୍ଷେତ୍ରଥି ଗୁଟେ ସୁସ୍ଥ ଜଙ୍ଗଲ୍ ପରିସଂସ୍ଥାନ୍‌ର ଭୂମିକା

ଜରୁରୀ ଆଏ ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ । ସମୃଦ୍ଧ ଓଡ଼ିଶା ୨୦୩୬ ଆଉ ବିକଶିତ ଭାରତ୍ ୨୦୪୭ ସଂକଳ୍ପ ପୂରଣ୍ କର୍‌ବାର୍ ଦିଗେ ଇ ଚେରେଷ୍ଟା ବହୁତ୍ ସାହାଜ୍ କର୍‌ବା ବଲି ମନ୍ତ୍ରୀ କହିଛନ୍ । କର୍ମଶାଳାଥି ଇ ବଛର୍ ଭବିଷ୍ୟତ୍ ବନାଂଚଲ୍ ଲାଗି ତୟାରି ସହେତେ ଜଲ୍‌ବାୟୁ ସହନ୍‌ଶୀଳ, ଡିଜିଟାଲ୍ ରୂପାନ୍ତରଣ ଆଉ ସ୍ଥାୟୀ କାଠ ଆଧାରିତ୍ ଅର୍ଥନୀତି ବିଷୟବସ୍ତୁ ଉପ୍‌ରେ ଜୋର୍ ଦିଆଯାଉଛେ ।

ଓଡ଼ିଶା ରାଜ୍ୟମହିଳା ଆୟୋଗ-ଥାପ୍‌ନା ଦିବସ/ଆଇ.ଆଣ୍ଡ.ପି.ଆର୍

ରାଜ୍ୟ ସର୍‌କାର୍ ଖାଲି ମହିଲାଙ୍କର୍ ବିକାଶ୍ ଦିଗ୍‌କେ ଧ୍ୟାନ୍ ନାଇଁଦିଅନ୍, ମହିଳା ନେତୃତ୍ୱାଧୀନ୍ ବିକାଶ୍ ଆଦର୍ଶ ଉପ୍‌ରେ ବିଶ୍ୱାସ୍ କର୍‌ସନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ପରିସର୍ ନ ଆଏଜ୍ ଓଡ଼ିଶା ରାଜ୍ୟ ମହିଳା ଆୟୋଗ୍‌ର ୩୩ ନମ୍ବର୍ ଥାପ୍‌ନା ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମହିଳାମାନ୍‌କର୍ ବିରୋଧିଥି ହେଉଥିବା ହିଂସା, ଲିଙ୍ଗଗତ ଭେଦ୍‌ଭାବ ପୁରାପୁରି ଭାବେ ଦୂର୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ

ଆୟୋଗ୍ର ବାର୍ଷିକ ରିପୋର୍ଟ, ନୂଜ୍ ଲେଟର୍ ବିଜୟିନୀ, ପାସ୍ପୋର୍ଟ ଟୁ ଓମେନ୍ ଏମ୍ପାୱାର୍ମେଂଟ୍ ଆର୍ ନୂଆଁ ୱେବ୍ସାଇଟ୍ ଉନ୍ମୋଚନ୍ କରିଛନ୍ । ଇ ଅବ୍ସରେ ଭିନ୍ ଭିନ୍ କ୍ଷେତ୍ରୁଥି ସଫଲତା ପାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା । କାର୍ଯ୍ୟକ୍ରମ୍ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ଶିଳ୍ପ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଆଉ ରାଜ୍ୟ ମହିଳା ଆୟୋଗ୍ର ଅଧ୍ୟକ୍ଷା ସୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ୍ ଥିଲେ ।

ପିୟୁସିସି- ପରିବହନ୍ ମନ୍ତ୍ରୀ ଏକ୍ସ/ହି.ସ.

ରାଏଜେ ଗାଡ଼ି ଚାଲକ୍ମାନ୍କର୍ ଲାଗି ପ୍ରଦୂଷଣ୍ ପ୍ରମାଣ୍ପତ୍ର କର୍ବାର୍ଟା ବାଧ୍ୟତାମୂଲକ୍ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ମନ୍ତ୍ରୀ ଶ୍ରୀ ଜେନା କହିଛନ୍, ପ୍ରଦୂଷଣ୍ ପ୍ରମାଣ୍ପତ୍ର ନାଇଁଥିଲେ ସେଥିର୍ଲାଗି ଧାରିଜ୍ ଜରିମାନା ଟଙ୍କା କମ୍ କର୍ବାର୍ ଲାଗି ଯୋଜ୍ନା କରାଯାଉଛେ ।

(ଭଏସ୍ ଓଭର୍- ପରିବହନ୍ ମନ୍ତ୍ରୀ)

ସୂଚ୍ନା ଅନ୍ସାରେ ପ୍ରଦୂଷଣ୍ ପ୍ରମାଣ୍ପତ୍ର ବାବଦ୍ ଜନସ୍ୱାର୍ଥ ମାମ୍ଲାକେ ଓଡ଼ିଶା ହାଇକୋର୍ଟ ଖାରଜ୍ କରିଥିଲେ । ରାଏଜେ ଗାଡ଼ିଚାଲକ୍ ମାନେ ବକେୟା ଚାଲାଣ୍ ଜମା ନାଇଁ

କଲେ ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ନାଇଁ ମିଲେ ବଲି ହାଇକୋର୍ଟ ତାଙ୍କର୍ ରାୟଥି କହିଥିଲେ ।

ବନକଲାଗି ଆର୍‌ଏନ୍‌ୟୁ/ ସମ୍ବଲପୁର

ଫଗୁନ୍ ମାସର୍ ଅନ୍ଧାର୍‌ପଖର୍ ଦଶ୍‌ମୀ ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି କରାଯାଉଛେ । ଇଥିର୍‌ଲାଗି ୨ ନମ୍ବର୍ ଭୋଗ ମଣ୍ଡପ ଶେଷ୍ ହେବାର୍ ଉତ୍‌ରୁ ସଞ୍ଜବେଲର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ଶ୍ରୀମନ୍ଦିର୍ ନ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ ।

ଜୀବନ ପ୍ରମାଣ କେନ୍ଦ୍ର ଉଦ୍‌ଘାଟିତ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍ ଟେଲିଫୋନ୍ ଭବନ୍ ପରିସର୍ ନ ଜୀବନ ପ୍ରମାଣ କେନ୍ଦ୍ର ଆଏଜ୍ ଉଦ୍‌ଘାଟିତ୍ ହେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସଂଚାର ଲେଖା ବିଭାଗ୍‌ର ମହାନିୟନ୍ତ୍ରକ ବନ୍ଦନା ଗୁପ୍ତା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଉଦ୍‌ଘାଟନ୍ କରିଛନ୍ । କେନ୍ଦ୍ର ନ ପେନ୍‌ସନ୍ ଭୋଗୀମାନେ ନିଜର୍ ଜୀବନ୍ ପ୍ରମାଣ୍‌ପତ୍ର ଦାଖଲ୍ କରିପାର୍‌ବେ ।

ସମ୍ବଲ୍‌ପୁର୍ -ଜନଗଣନା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଏପ୍ରିଲ୍ ୧୬ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବା ଜନଗଣନା ୨ ଟା ଖେପ୍‌ଥି ହେବା । ଜନଗଣନାକେ ନେଇକରି ଜିଲ୍ଲା ନ ଆଏଜ୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ଅତିରିକ୍ତ ଜିଲ୍ଲାପାଲ୍, ଉପଜିଲ୍ଲାପାଲ୍, ତହସିଲ୍‌ଦାର୍, ଅତିରିକ୍ତ ତହସିଲ୍‌ଦାର୍ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଜନଗଣନା ପ୍ରକ୍ରିୟାକେ ନିର୍ଭୁଲ୍ ଭାବେ କର୍‌ବାର୍ ଲାଗି କାର୍ଯ୍ୟକ୍ରମ୍‌ଥି ତାଲିମ୍ ଦିଆଯାଇଛେ । ଜିଲ୍ଲା ନ ଜନଗଣନାଥି ୨୦୨୨ ଝନ୍ କର୍ମଚାରୀ ସାମିଲ୍ ହେବେ ବଲି ଜନାପଡ଼ିଛେ ।

ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜ୍‌ନା କର୍ମଶାଳା/ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା କୋଷାଗାର୍ ସମ୍ମିଲନୀ କକ୍ଷ ନ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜ୍‌ନା-ଏନ୍‌ପିଏସ୍ କେ ନେଇକରି ଗୁଟେ ଜିଲ୍ଲାସ୍ତରୀୟ କର୍ମଶାଳା ହେଇଯାଇଛେ । ଜିଲ୍ଲା କୋଷାଗାର୍ ଅଧିକାରୀ ସୁରେଶ୍ ଚନ୍ଦ୍ର ମାଝୀଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ ଯୋଗ୍ ଦେଇଥିଲେ । ଏନ୍‌ପିଏସ୍‌ଥି ସାମିଲ୍ ଥିବା ରାଜ୍ୟ ସର୍‌କାରୀ କର୍ମଚାରୀ

ଆଉ ଉଠାଣ ଆଉ ବିତରଣ ଅଧିକାରୀମାନ୍‌କୁ ଇ ଅବ୍‌ସରେ ଏନ୍‌ପିଏସ୍ ବାବ୍‌ଦେ ତାଲିମ୍ ଦିଆଯାଇଥିଲା ।

ଜଳ ଅର୍ପଣ ଦିବସ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବୁରୋକଁଟା ଠାନେ ହର୍ ଘର୍ ଜଲ୍ ଆଉ ଜଲ୍‌ଜୀବନ୍ ମିଶନ୍ ତର୍‌ଫୁ ଜଳ ଅର୍ପଣ ଦିବସ୍ ପାଲିତ୍ ହେଇଯାଇଛେ । ପାନିର୍ ସଂରକ୍ଷଣ୍, ସୁରକ୍ଷିତ୍ ବେଭାର୍ ଆଉ ଇ ଦିଗେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଗ୍ରାମ୍ୟ ଜଳଯୋଗାଣ ଆଉ ପରିମଳ ବିଭାଗ୍ ତର୍‌ଫୁ ଇ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଆଉ କଂଟାମାଲ୍ ବିଧାୟକ୍ କହ୍ନାଇ ଚରଣ୍ ଡାଙ୍ଗ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇକରି ପାନିର୍ ସୁରକ୍ଷା ବାବ୍‌ଦେ ବୁଝେଇଥିଲେ ।

ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ୍ ଶିବିର          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ନିରନ୍ତର ବିକାଶ୍ - ୨୦୩୦ ବାବ୍‌ଦେ ଗୁଟେ ବ୍ଲକ୍‌ସ୍ତରୀୟ ତାଲିମ୍ ଶିବିର୍ ହେଇଯାଇଛେ । ଶିବିର୍ ଜରିଏ  ନିରନ୍ତର୍ ବିକାଶ୍ ଲକ୍ଷ୍ୟ

ହାସଲ୍ ଲାଗି ତଲ୍ସ୍ତର୍‌ନୁ ସବୁ ପ୍ରକ୍ରିୟାକେ ବର୍କସ୍ କର୍‌ବାର୍‌କେ ଆଂଚଲିକ୍ ଲୋକ ପ୍ରତିନିଧି ଆଉ କର୍ମଚାରୀମାନ୍‌କୁ ସଚେତନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଇଲାକାର୍ ଜନପ୍ରତିନିଧି ଆଉ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଦେଶ ପାଇଁ ମଧ୍ୟସ୍ଥତା ଅଭିଯାନ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତରଫୁ ଜିଲ୍ଲାର୍ ତେଲିବନ୍ଧ ପଂଚାୟତ୍ କାର୍ଯ୍ୟାଳୟ ନ ଦେଶ ପାଇଁ ମଧ୍ୟସ୍ଥତା ଅଭିଯାନ୍ ୨ ନମ୍ବର୍ ଖେପ୍ ବାବ୍‌ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଅତିଥି ମାନେ ମଧ୍ୟସ୍ଥତା ଜରିଏ ମାମ୍‌ଲାମାନ୍‌କର୍ ଫଏସଲା କରିକରି ସମିଆ ଆଉ ପଏସା ବଂଚାବାର୍ ଲାଗି ପରାମର୍ଶ ଦେଇଥିଲେ ।

ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ର ୫ ନମ୍ବର୍

ଦିନେ ଆଏଜ୍ ବର୍ଗଡ୍ ଦଲ୍ ୪/୧ ଗୋଲ୍ଥି ବଲାଙ୍ଗିର୍ ଦଲ୍କେ ହରେଇଛେ । ଆଏବା କାଏଲ୍ ନୂଆପଡ଼ା ଆର୍ କୋରାପୁଟ୍ ଭିତ୍ରେ ମେଚ୍ ଖେଲାଯିବା ।

ନିଶାମୁକ୍ତ ଭାରତ୍ ଅଭିଯାନ୍ ଦେବ୍ଗଡ୍ ସମ୍ବାଦଦାତା

ଦେବ୍ଗଡ୍ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ୍ ତର୍ଫୁ ନିଶାମୁକ୍ତ ଭାରତ୍ ଅଭିଯାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଦେବ୍ଗଡ୍ ମହିଲା ମହାବିଦ୍ୟାଳୟ ନ ହେଇଥିବା କାର୍ଯ୍ୟକ୍ରମ୍ଥି ମୁଖିଆ ଅତିଥି ଭାବେ ଜିଲ୍ଲା ସାମାଜିକ ଅଧିକାରୀ ଶ୍ରୀନିବାସ୍ ଜାନି ଯୋଗ୍ ଦେଇକରି ନିଶାର୍ କୁପରିଣାମ୍ ବାବ୍ଦେ ବୁଝେଇକରି ଛାତ୍ରଛାତ୍ରୀମାନେ ଇତାର୍ନୁ ଦୂରେ ରହେବାର୍କେ ପରାମର୍ଶ ଦେଇଛନ୍ ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍ର ପ୍ରଭାବ୍ କମିଛେ । ଆଏବା ହପ୍ତତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏଜ୍ ଦିନ୍ବେଲା ରାଜ୍ୟର୍ ସବୁ ଜାଗା ନ ଦିନର୍ ତାପମାତ୍ରା ୩୦ ଡିଗ୍ରୀ ଉପ୍ରେ ରହିଥିଲା ।